# NATIONAL NEWS BULLETIN (ODIA)
## 01st September - 2025
## Morning Bulletin : 7.15 a.m.

********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ମହୀଶୂରସ୍ଥିତ ଅଖିଳ ଭାରତୀୟ ବାକ୍ ଏବଂ ଶ୍ରବଣ ପ୍ରତିଷ୍ଠାନର ହୀରକ ଜୟନ୍ତୀ ଉତ୍ସବରେ ଆଜି ଯୋଗଦେବେ ରାଷ୍ଟ୍ରପତି ।

- ସାଙ୍ଘାଇ ସହଯୋଗ ଶିଖର ସମ୍ମିଳନୀରେ ଆଜି ଉଦ୍‌ବୋଧନ ଦେବେ ପ୍ରଧାନମନ୍ତ୍ରୀ ମୋଦି ।

- ଜମ୍ମୁରେ ଚାଲିଥିବା ଉଦ୍ଧାର ଓ ରିଲିଫ୍ କାର୍ଯ୍ୟର ବିସ୍ତୃତ ସମୀକ୍ଷା କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

- ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡର ମୂଲ୍ୟରେ ୫୧ ଟଙ୍କା ୫୦ ପଇସା ହ୍ରାସ ।

ଏବଂ

- ଏସିଆ କପ୍ ପୁରୁଷ ହକି ଟୁର୍ଣ୍ଣାମେଣ୍ଟରେ ଆଜି ଅନୁଷ୍ଠିତ ହେବ ଭାରତ ଓ କାଜାଖସ୍ତାନ ମଧ୍ୟରେ ମୁକାବିଲା ।

## ପ୍ରେଜ୍ - କର୍ଣ୍ଣାଟକ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ତିନିଦିନିଆ କର୍ଣ୍ଣାଟକ ଓ ତାମିଲ୍‌ନାଡୁ ଗସ୍ତ କରିବେ । ଆଜି ମହୀଶୂରଠାରେ ରାଷ୍ଟ୍ରପତି ଅଖିଳ ଭାରତୀୟ ବାକ୍ ଏବଂ ଶ୍ରବଣ ପ୍ରତିଷ୍ଠାନର ହୀରକ ଜୟନ୍ତୀ ଉତ୍ସବରେ ଯୋଗଦେବେ । ଆସନ୍ତାକାଲି ଚେନ୍ନାଇରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସିଟି ୟୁନିୟନ୍ ବ୍ୟାଙ୍କର ୧୨୦ତମ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ଏହାଛଡ଼ା ତାମିଲ୍‌ନାଡୁର ଥିରୁବରଠାରେ ଥିବା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଦଶମ ସମାବର୍ତ୍ତନ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ପି.ଏମ୍. - ଏସ୍.ସି.ଓ. ସମ୍ମିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଚୀନ୍‌ର ତିଆନ୍‌ଜିନ୍‌ଠାରେ ସଂଘାଇ ସହଯୋଗ ଶିଖର ସମ୍ମିଳନୀରେ ଉଦ୍‌ବୋଧନ ଦେବେ । ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଛନ୍ତି, ଏହି ଶିଖର ସମ୍ମିଳନୀରେ ଗୋଟିଏ ମଞ୍ଚରେ କିଭଳି ଆଞ୍ଚଳିକ ସହଯୋଗ ରକ୍ଷା କରାଯାଇପାରିବ, ସେ ସମ୍ପର୍କରେ ପ୍ରଧାନମନ୍ତ୍ରୀ

ଭାରତର ଆଭିମୁଖ୍ୟ ଉପସ୍ଥାପନ କରିବେ । ଉଦ୍‌ବୋଧନ ପରେ ପ୍ରଧାନମନ୍ତ୍ରୀ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ୍‌ଙ୍କ ସହ ଦ୍ୱିପକ୍ଷୀୟ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି ।

ଗତକାଲି ପ୍ରଧାନମନ୍ତ୍ରୀ ମୋଦି ଏବଂ ଚୀନ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍‌ଙ୍କ ମଧ୍ୟରେ ଉଭୟ ଦେଶ ମଧ୍ୟରେ ଦ୍ୱିପକ୍ଷୀୟ ସମ୍ପର୍କ ସୁଦୃଢ଼ କରିବା ଲାଗି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ଶ୍ରୀ ମୋଦି ଦ୍ୱିପକ୍ଷୀୟ ସମ୍ପର୍କ ବୃଦ୍ଧି ନେଇ ସୀମାବର୍ତ୍ତୀ ଅଞ୍ଚଳରେ ଶାନ୍ତି ସ୍ଥାପନ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ବୈଦେଶିକ ସଚିବ କହିଛନ୍ତି, ପ୍ରଧାନମନ୍ତ୍ରୀ ଚୀନ୍ ରାଷ୍ଟ୍ରପତିଙ୍କୁ ସ୍ୱଷ୍ଟ ବାର୍ତ୍ତା ଦେଇଥିଲେ, ଭାରତ ଓ ଚୀନ ମଧ୍ୟରେ ସୀମାରେ ଶାନ୍ତି ସ୍ଥାପନ ଅତ୍ୟନ୍ତ ଜରୁରୀ ।

***Voice (PM - Opening Remarks)*** :........

ଶ୍ରୀ ମିଶ୍ରି କହିଛନ୍ତି, ଏବେ ଉଭୟ ଦେଶ ଗତ କିଛିମାସ ହେବ ସୀମାବର୍ତ୍ତୀ ଅଞ୍ଚଳରେ ବିବାଦର ସମାଧାନ ଲାଗି ଚେଷ୍ଟା କରୁଥିବାରୁ ଉଭୟ ପକ୍ଷ ବୁଝାମଣାରେ ଉପନୀତ ହେବେ । ଶ୍ରୀ ମିଶ୍ରି କହିଛନ୍ତି, ୨୦୨୦ ଜୁନ୍‌ରେ ଗଲ୍‌ୱାନ୍ ଉପତ୍ୟକାରେ ସଙ୍ଗଠିତ ସଂଘର୍ଷ ପରେ ଉଭୟ ପକ୍ଷ ଅନେକଗୁଡ଼ିକ ବୈଠକ ମାଧ୍ୟମରେ ଶାନ୍ତି ସ୍ଥାପନପାଇଁ ଉଦ୍ୟମ କରୁଛନ୍ତି । ଆଲୋଚନା କାଳରେ ପ୍ରଧାନମନ୍ତ୍ରୀ ମୋଦି ସୀମାପାର ଆତଙ୍କବାଦର ବିରୋଧ କରିବା ସହ ଏହାର ମୁକାବିଲା ପାଇଁ ସହଯୋଗ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି । ବୈଦେଶିକ ସଚିବ ଶ୍ରୀ ମିଶ୍ରି କହିଛନ୍ତି, ବୈଠକ ସମୟରେ

ପ୍ରଧାନମନ୍ତ୍ରୀ ମୋଦି ସୀମାପାର ଆତଙ୍କବାଦକୁ ଗୁରୁତ୍ୱ ପ୍ରଦାନ କରିବା ସହ ଉଭୟ ଭାରତ ଓ ଚୀନ ଦ୍ୱିପାକ୍ଷିକ ସମ୍ପର୍କ ମଧ୍ୟରେ କୌଣସି ମତଭେଦ କିମ୍ବା ବିବାଦକୁ ସ୍ଥାନ ଦେବେ ନାହିଁ ବୋଲି ଆଲୋଚନା କରିଛନ୍ତି ।

## ଅମିତ୍ ଶାହା - ଜେ.କେ. ଭିଜିଟ୍

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଜି ଜମ୍ମୁରେ ଚାଲିଥିବା ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟର ସମୀକ୍ଷା କରିବେ । ସମ୍ପ୍ରତି ପ୍ରବଳ ବର୍ଷା ଏବଂ ବନ୍ୟା ଯୋଗୁଁ ଜମ୍ମୁ-କାଶ୍ମୀରରେ ହୋଇଥିବା କ୍ଷୟକ୍ଷତିର ଆକଳନ ସହ ମନ୍ତ୍ରୀ ଶ୍ରୀ ଶାହା ଜମ୍ମୁ ରାଜଭବନରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିବେ ।

ଆଜି ଦିନିକିଆ ଗସ୍ତ ସମୟରେ ଶ୍ରୀ ଶାହା ଜମ୍ମୁର ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକ ଅକାଶମାର୍ଗରୁ ସର୍ଭେ କରିବା ପରେ ରାଜଭବନରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ଉପରାଜପାଳ ମନୋଜ ସିହ୍ନା ଏବଂ ବିଭିନ୍ନ ବରିଷ୍ଠ ଅଧିକାରୀମାନେ ରିଲିଫ୍, ଉଦ୍ଧାର ଓ ଥଇଥାନ କାର୍ଯ୍ୟ ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିବେ । ଶ୍ରୀ ଶାହାଙ୍କ ସହିତ ସମୀକ୍ଷା ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ ।

ଅନ୍ୟପକ୍ଷରେ ଶ୍ରୀ ଶାହା ପ୍ରାକୃତିକ ବିପର୍ଯ୍ୟୟ ପ୍ରଭାବିତ  ପରିବାରଗୁଡ଼ିକ ସହ ସାକ୍ଷାତ୍ କରିବାର କାର୍ଯ୍ୟକ୍ରମ ରହିଛି । ପ୍ରବଳ ବର୍ଷା ଏବଂ ବନ୍ୟା ଯୋଗୁଁ

ମାତା ବୈଷ୍ଣୋଦେବୀଙ୍କ ମୂଳ ଶିବିର କଟ୍ରା ସମେତ ଭୂସ୍ଖଳନ ଘଟଣାରେ ଆହତମାନଙ୍କୁ ଶ୍ରୀ ଶାହା ସାକ୍ଷାତ୍ କରିବାର ସମ୍ଭାବନା ରହିଛି । ସନ୍ଧ୍ୟାରେ ସେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ।

## କମର୍ସିଆଲ୍ ଏଲ୍.ପି.ଜି. ପ୍ରାଇସ୍

ତୈଳ ବିପଣନ କମ୍ପାନୀଗୁଡ଼ିକ ଆଜିଠାରୁ ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡରର ମୂଲ୍ୟରେ ୫୧ ଟଙ୍କା ୫୦ ପଇସା ହ୍ରାସ କରିଛନ୍ତି । ଏହି ମୂଲ୍ୟ ହ୍ରାସ ପରେ ଦିଲ୍ଲୀରେ ୧୯ କିଲୋଗ୍ରାମ୍ ବ୍ୟାବସାୟିକ ଏଲ୍.ପି.ଜି. ସିଲିଣ୍ଡରର ଦାମ୍ ୧ ହଜାର ୫୮୦ ଟଙ୍କାକୁ ହ୍ରାସ ପାଇଛି । ତେବେ ଘରୋଇ ଏଲ୍.ପି.ଜି. ସିଲିଣ୍ଡର ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇ ନାହିଁ । ତୈଳ ବିପଣନ କମ୍ପାନୀଗୁଡ଼ିକର ମାସିକ ସଂଶୋଧନ ପରେ ଏହି ମୂଲ୍ୟ ହ୍ରାସ କରାଯାଇଥିବା କୁହାଯାଇଛି । ଏହି ମୂଲ୍ୟ ହ୍ରାସ ଫଳରେ ରେଷ୍ଟୁରାଣ୍ଟ, ହୋଟେଲ୍ ଏବଂ ଅନ୍ୟାନ୍ୟ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକ ଲାଭାନ୍ୱିତ ହେବେ ।

## ରିଜିଜୁ - ଇଣ୍ଡିଆ ଜି.ଡି.ପି.

କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ଦେଶର ଘରୋଇ ସକଳ ଉତ୍ପାଦ ଜି.ଡି.ପି. ୭ ଦଶମିକ ୮ ପ୍ରତିଶତ ବୃଦ୍ଧି ପାଇବା ପ୍ରମାଣ କରିଛି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅପେକ୍ଷା ଅନ୍ୟ କେହି ଦେଶର ଅର୍ଥନୀତିକୁ ଭଲଭାବରେ ପରିଚାଳନା କରିପାରିବେ ନାହିଁ । ଗତକାଲି ନୂଆଦିଲ୍ଲୀରେ ଭଗବାନ୍ ବିର୍ସା ମୁଣ୍ଡା ଭବନରେ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ପରେ ସାମ୍ବାଦିକମାନଙ୍କ ସହ ଆଲୋଚନା କରି ଶ୍ରୀ ରିଜିଜୁ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦି ଭାରତୀୟ ଅର୍ଥନୀତିକୁ ସର୍ବୋତ୍ତମ ଉପାୟରେ ପରିଚାଳନା କରୁଥିବା ବିଶେଷଜ୍ଞମାନେ କହିଛନ୍ତି । ଭାରତକୁ ଆତ୍ମନିର୍ଭରଶୀଳ କରିବାପାଇଁ ମେକ୍ ଇନ୍ ଇଣ୍ଡିଆକୁ ପ୍ରୋତ୍ସାହିତ କରିବା ଏବଂ ସ୍ୱଦେଶୀକୁ ଗ୍ରହଣ କରିବା ଉପରେ ଶ୍ରୀ ରିଜିଜୁ ଗୁରୁତ୍ୱାରୋପ କରିଛନ୍ତି ।

***Voice (Rijiju) :..........***

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **କୁପୋଷଣ ରୋକିବାପାଇଁ ସଠିକ୍ ପୁଷ୍ଟିସାରର ଗୁରୁତ୍ୱ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ସ୍ୱାମୀ ଦୟାନନ୍ଦ ହସ୍ପିଟାଲ୍‌ର ଶିଶୁରୋଗ ବିଶେଷଜ୍ଞ ତଥା ବିଭାଗୀୟ ମୁଖ୍ୟ ଡାକ୍ତର

ସୁରେନ୍ଦର ସିଂହ ବିଷ୍ଟ ଏବଂ ଏମ୍ସର ଡାଏଟିସିଆନ୍ ଡାକ୍ତର ରିଚା ଜୟଶ୍ୱାଲ୍ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117  ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

## ଟ୍ରମ୍ପ୍ - ହେଲ୍ଥ ସ୍ପେକୁଲେସନ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ୍ ଟ୍ରମ୍ପ୍ଙ୍କ ସ୍ୱାସ୍ଥ୍ୟକୁ ନେଇ ଅନ୍ଲାଇନରେ ଚାଲିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି । ନିଜେ ଶ୍ରୀ ଟ୍ରମ୍ପ୍ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ତାଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଚାଲିଥିବା ଆଲୋଚନାକୁ ସେ ଭଲ ଭାବି ନାହାନ୍ତି । ଭର୍ଜିନିଆରେ ସେ ସପ୍ତାହର ଶେଷ କିଛିଦିନ ଗଲଫ୍ ଖେଳୁଥିଲେ ବୋଲି ସୂଚନା ଦେଇଛନ୍ତି । କିଛିଦିନ ଧରି

ସାମାଜିକ ଗଣମାଧ୍ୟମରୁ ଦୂରେଇ ରହିବା ଫଳରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ନେଇ ଆଲୋଚନା ହୋଇଥିଲା ।

## ପାକ୍ ଆର୍ମି – ହ୍ୟୁମାନ ରାଇଟ୍ କମିଶନ

ପାକିସ୍ତାନସ୍ଥିତ ମାନବାଧିକାର ସଙ୍ଗଠନ ଡିଫେନସ୍ ଅଫ୍ ହ୍ୟୁମାନ ରାଇଟ୍ସ୍ ଏକ ରିପୋର୍ଟରେ ଦର୍ଶାଇଛି, ପାକିସ୍ତାନ ସେନାର ମାନବାଧିକାର କାର୍ଯ୍ୟକଳାପ ଅନ୍ତର୍ଜାତୀୟ ସଂସ୍ଥା ଏବଂ ଗୋଷ୍ଠୀଗୁଡ଼ିକ ପାଇଁ ଚିନ୍ତାର ବିଷୟ ପାଲଟିଛି । ବେଆଇନ ହତ୍ୟା, ବିଚାରାଧୀନ କଏଦୀଙ୍କୁ ମୃତ୍ୟୁଦଣ୍ଡ, ବଳପୂର୍ବକ ଅପହରଣ ଏବଂ ନିର୍ଯାତନା ଭଳି ଅଭିଯୋଗ ପାକିସ୍ତାନ ସେନା ବିରୋଧରେ ଆସିଛି । ୨୦୨୪ ମସିହାରୁ ଏପର୍ଯ୍ୟନ୍ତ ପାକିସ୍ତାନ ସେନା ୨ ହଜାର ୩୩୨ରୁ ଅଧିକ ଲୋକଙ୍କୁ ଅପହରଣ କରି ନେଇଥିବା କୁହାଯାଇଛି । ଜାତିସଂଘ ମଧ୍ୟ ତା'ର ରିପୋର୍ଟରେ ଏହି ବିଷୟ ଦର୍ଶାଇଛି । ପୂର୍ବବର୍ଷ ଅପେକ୍ଷା ଏଭଳି କାର୍ଯ୍ୟକଳାପ ୨୭ ପ୍ରତିଶତ ବୃଦ୍ଧି ପାଇଥିବା କୁହାଯାଇଛି । ବିଶେଷକରି ବାଲୁଚିସ୍ତାନ, ସିନ୍ଧ୍, ପଞ୍ଜାବ ଏବଂ ଖାଇବର ପଖତୁନ୍ଖ୍ୱା ଅଞ୍ଚଳରେ ପାକିସ୍ତାନ ସେନା ବିରୋଧରେ ବେଆଇନ ହତ୍ୟା, ନିର୍ଯାତନା ଓ ଅପହରଣ ଭଳି ସଙ୍ଗୀନ ଅଭିଯୋଗ ରହିଛି ।

# ଏସିଆ କପ୍ ହକି

ବିହାରର ରାଜଗିରିଠାରେ ଚାଲିଥିବା ଏସିଆ କପ୍ ପୁରୁଷ ହକି ଟୁର୍ଣ୍ଣାମେଣ୍ଟରେ ଆଜି ସନ୍ଧ୍ୟା ସାଢ଼େ ୭ଟାରେ ରାଜଗିରି ଆନ୍ତର୍ଜାତିକ କ୍ରୀଡ଼ା ଷ୍ଟାଡୟମ୍ଠାରେ ଭାରତ ଓ କାଜାଖସ୍ତାନ ମଧ୍ୟରେ ମୁକାବିଲା ହେବ । ଗତକାଲି ଅନୁଷ୍ଠିତ ପୁଲ୍-ଏ'ର ଏକ ମ୍ୟାଚ୍‌ରେ ଭାରତ ୩-୨ ଗୋଲ୍‌ରେ ଜାପାନକୁ ପରାସ୍ତ କରି ସୁପର୍‌ଫୋର୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ଭାରତ ପକ୍ଷରୁ ହର୍‌ମନ୍‌ପ୍ରୀତ୍ ସିଂହ ୨ଟି ଏବଂ ମନ୍‌ଦୀପ୍ ସିଂହ ଗୋଟିଏ ଗୋଲ୍ ସ୍କୋର କରିଥିବାବେଳେ ଜାପାନ ପକ୍ଷରୁ କୋସେଇ କାୱାବେ ୨ଟିଯାକ ଗୋଲ୍ ଦେଇଥିଲେ ।

ଅନ୍ୟ ଏକ ମ୍ୟାଚ୍‌ରେ ଚୀନ୍' କାଜାଖସ୍ଥାନ ବିପକ୍ଷରେ ୧୩-୧ ଗୋଲ୍‌ରେ ବିଜୟୀ ହୋଇଥିଲା । ଏହି ଚାମ୍ପିୟନ୍‌ସିପ୍‌ର ବିଜେତା ୨୦୨୬ ପୁରୁଷ ହକି ବିଶ୍ୱକପ୍‌ରେ ନିଜର ସ୍ଥାନ ସୁନିଶ୍ଚିତ କରିବ । ପାକିସ୍ତାନ ସୁରକ୍ଷା କାରଣରୁ ଏବଂ ଓମାନ୍ ଆର୍ଥିକ ଅସୁବିଧା ଯୋଗୁଁ ଏହି ପ୍ରତିଯୋଗିତାରେ ଯୋଗଦେଇ ନାହାନ୍ତି । ଏହି ଦୁଇଦେଶ ବଦଳରେ ବାଂଲାଦେଶ ଏବଂ କାଜାଖସ୍ତାନ ଟୁର୍ଣ୍ଣାମେଣ୍ଟରେ ସ୍ଥାନ ପାଇଛନ୍ତି ।

# ଆଇ.ଏମ୍.ଡି. - ସେପ୍ଟେମ୍ବର ରେନ୍‌ଫଲ୍

ଚଳିତ ସେପ୍ଟେମ୍ବର ମାସରେ ସ୍ୱାଭାବିକଠାରୁ ଅଧିକ ବର୍ଷା ସହିତ ଆର୍ଦ୍ରତା ରହିବା ନେଇ ଭାରତୀୟ ପାଣିପାଗ ବିଭାଗ ଅନୁମାନ କରିଛି । ଭୌଗୋଳିକ ଦୃଷ୍ଟିରୁ ଦେଶର ଅଧିକାଂଶ ଅଞ୍ଚଳରେ ଚଳିତ ମାସରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବାନେଇ ପାଣିପାଗ ବିଭାଗ କହିଛି, ଉତ୍ତର-ପୂର୍ବ ଏବଂ ପୂର୍ବ ଭାରତର କିଛି ଅଂଶ ସମେତ ଦକ୍ଷିଣ ଓ ଉତ୍ତର ଭାରତର କେତେକ ସ୍ଥାନରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବ । ଅନ୍ୟପକ୍ଷରେ ଅଧିକ ବର୍ଷା କୃଷି ଏବଂ ଜଳସମ୍ପଦପାଇଁ ଲାଭଦାୟକ ହୋଇଥିଲେ ମଧ୍ୟ ବନ୍ୟା, ଭୂସ୍ଖଳନ ଆଦି ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଚି ।

ବିଭାଗ ପକ୍ଷରୁ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାନେଇ ହିମାଚଳ ପ୍ରଦେଶକୁ ସତର୍କତା ଜାରି କରାଯାଇଛି । ପୂର୍ବ ରାଜସ୍ଥାନ, ହରିୟାଣା, ଚଣ୍ଡୀଗଡ଼, ଦିଲ୍ଲୀ, ଜମ୍ମୁକାଶ୍ମୀର, ଲଦାଖ, ଗିଲ୍‌ଗିଟ୍, ବଲଟ୍‌ସ୍ତାନ, ମୁଜାଫରବାଦ, ଓଡ଼ିଶା, ପଞ୍ଜାବ ଏବଂ ଉତ୍ତର ପ୍ରଦେଶର ଅଧିକାଂଶ ସ୍ଥାନରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ସମ୍ଭାବନା ରହିଛି ।

ସେହିପରି ସେପ୍ଟେମ୍ବର ୩ ତାରିଖ ପର୍ଯ୍ୟନ୍ତ ଛତିଶଗଡ଼, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ମହାରାଷ୍ଟ୍ର, କେରଳ ଏବଂ ଗୋଆରେ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ସୂଚନା ଦେଇଛି ।

*****